



# ଜାନୁଆରୀରେ ରଙ୍ଗୀନ ରଙ୍ଗମଞ୍ଚ

- ନୃତ୍ୟ, ସଙ୍ଗୀତ ଓ ନାଟକରେ ଦୁଲୁକିବ ରାଜଧାନୀ
- ମଞ୍ଚସ୍ଥ ହେଲା 'ତଥାପି ତମସା'
- ଆସନ୍ତା ୨୩ରୁ ୨୫ ମୁକ୍ତେଶ୍ୱର ମହୋତ୍ସବ
- ଆଗକୁ କଳିଙ୍ଗନାଟ୍ୟ ସଂଘ ପକ୍ଷରୁ ନାଟ୍ୟ ମହୋତ୍ସବ

ଭୁବନେଶ୍ୱର, ୭।୧(ସମିସ): ପୁରୁଣା ବର୍ଷକୁ ବିଦାୟ ଦେଇଛି ରାଜଧାନୀ। ନୂଆ ଯେମିତି ବି ହେଉ ଆପଣେଇ ନେଇଛି। ପୁରୁଣା ଦିନର ସ୍ମୃତି ଆଉ ନୂଆ ଦିନର ଆଶାରେ ରାଜଧାନୀରେ ନାହିଁ ନ ଥିବା ଉତ୍ସାହ। ଭିଡ଼ ଜମିଛି, ବୁଲାବୁଲି ସାଙ୍ଗକୁ ଖିଆ ପିଆ ନାଚ ଗୀତରେ ମସଗୁଲ ପୂରା ସହର। ଆଉ ଏଥର ନାଟକରେ, ମଞ୍ଚରେ, ଅଭିନୟର ମାୟାରେ ବର୍ଷର ପ୍ରଥମ ମାସର ବିଭିନ୍ନ ଦିନରେ ବାନ୍ଧି ହୋଇ ରହିବେ ଦର୍ଶକ। ଖାସ୍ ସେଇଥିପାଇଁ ବିଭିନ୍ନ ନୃତ୍ୟ ତଥା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନୃତ୍ୟ, ସଙ୍ଗୀତ ଏବଂ ନାଟକର ସଙ୍ଗମ ଦେଖିବାକୁ ମିଳିବ।

ପର୍ଯ୍ୟଟନ ସମୟରେ ଥିଏଟର ଶୋ ଏବଂ ନାଟକ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ହୋଇଥାଏ। ଯେଉଁଠି ମଞ୍ଚରେ ନୃତ୍ୟ, ସଙ୍ଗୀତ ଓ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥାଏ। ସେଥିପାଇଁ ଏହି ସମୟରେ ବିଭିନ୍ନ ମଞ୍ଚ ପାଇଁ ଅଧିକ ବୁକିଂ ରହିଥାଏ। ବିଶେଷକରି ନଭେମ୍ବରର ପ୍ରଥମ ସପ୍ତାହରୁ ଆରମ୍ଭକରି ଫେବୃଆରୀ ଶେଷ ଯାଏଁ ରଙ୍ଗମଞ୍ଚରେ ସବୁଠୁ ଅଧିକ କର୍ଯ୍ୟକ୍ରମ ହୋଇଥାଏ। ସେହିପରିପ୍ରେକ୍ଷୀରେ ଜାନୁଆରୀ ମାସରେ ଲୋକଙ୍କ ମନୋରଞ୍ଜନ ପାଇଁ ପଛକୁ ପଛ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉଦାହରଣସ୍ୱରପ ଭଞ୍ଜକଳା ମଣ୍ଡପଠାରେ କଳିଙ୍ଗନାଟ୍ୟ ସଂଘ ପକ୍ଷରୁ ଆୟୋଜିତ ହେଉଛି ଚତୁର୍ଥ ନାଟ୍ୟ ମହୋତ୍ସବ।





ବନ ବିଭାଗ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରଭାତ ମହାନ୍ତିଙ୍କ ନାଟକ 'ତଥାପି ତମସା' ବୁଧବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ନାଟକର ପ୍ରାରମ୍ଭରେ ଏକାମ୍ରର ବିଧାୟକ ବାବୁ ସିଂ, କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ କାର୍ଯ୍ୟକ୍ରମ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଉପ-ସଭାପତି ଭୁବନ ବିହାରୀ ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ମହେଶ୍ୱର ନାୟକ ବିବରଣୀ ପାଠ କରିଥିଲେ। ବନ ବିଭାଗ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ବନଶ୍ରୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନାଟକର ବିଭିନ୍ନ ଭୂମିକାରେ ପ୍ରଫୁଲ୍ଲ, ବାଳକୃଷ୍ଣ, ଅଚ୍ୟୁତ, ପ୍ରଭାସ ଏବଂ ସ୍ୱତନ୍ତ୍ର ଚରିତ୍ରରେ ଭାରତୀୟ ବନ ସେବାର ଅଧିକାରୀ ଅନୁଗୁଳ ଆଞ୍ଚଳିକ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ ଅଭିନୟ କରିଥିଲେ।

ଆଗକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୧ ତାରିଖରେ ରାଉଲକେଲା ସ୍ପନ୍ଦନ ଅନୁଷ୍ଠାନ ରବୀନ୍ଦ୍ର ମଣ୍ଡପଠାରେ ନାଟକ ପରିବେଷଣ ହେଉଥିବାବେଳେ ୧୫ରେ ଜଗନ୍ନାଥଙ୍କୁ ସମର୍ପିତ ନାଟକ ଆହେ ନୀଳଶୈଳ ପରିବେଷଣ ହେବ। ସେହିଭଳି ଜାନୁଆରୀ ୧ରୁ ୩ ପର୍ଯ୍ୟନ୍ତ ନାଟ୍ୟଧାରା ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ନାଟକ ପରିବେଷଣ ହୋଇ ସାରିଛି।

ଅନ୍ୟପଟେ ରାଜଧାନୀର ବଡ ମହୋତ୍ସବ ଭାବେ ପରିଚିତ ମୁକ୍ତେଶ୍ୱର ମହୋତ୍ସବ ଆସନ୍ତା ୨୩ରୁ ୨୫ ପର୍ଯ୍ୟନ୍ତ ଆୟୋଜିତ ହେବ ଯେଉଁଥିରେ ବିଭିନ୍ନ ନୃତ୍ୟ ଅନୁଷ୍ଠାନ ସାମିଲ ହେବେ। ଏଥିରେ ଲାସ୍ୟ ଲାବଣ୍ୟ ଥିଏଟରର ୧୬ ଜଣ ନୃତ୍ୟଶିଳ୍ପୀ ଭାଗ ନେଉଥିବାବେଳେ ୯ ଜଣ ବାଦ୍ୟଯନ୍ତ୍ର କଳାକାର ଭାଗ ନେବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗୁରୁ କେଲୁ ଚରଣ ମହାପାତ୍ରଙ୍କ ଶହେ ତମ ଜନ୍ମ ଜୟନ୍ତୀ ଅବସରରେ ସଂସ୍କୃତି ବିଭାଗ, ଗୁରୁ କେଲୁଚରଣ ଗବେଷଣା କେନ୍ଦ୍ର ଏବଂ ସୃଜନ ଅନୁଷ୍ଠାନ ପକ୍ଷରୁ ଓଡିଶୀ ଗବେଷଣା କେନ୍ଦ୍ର ଏବଂ ରବୀନ୍ଦ୍ର ମଣ୍ଡପରେ ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯେଉଁଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହେବ। ସୂଚନା ଅନୁଯାୟୀ ଏହି ମାସରେ ରାଜାରାଣୀ ମହୋତ୍ସବ ମଧ୍ୟ ଆୟୋଜିତ ହେବ।



ରାଜଧାନୀ ସଂଗ୍ରାମୀ ସେବାସଙ୍ଘ ପକ୍ଷରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହିଳା ସାମ୍ବାଦିକ ଶିଳା ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି।

## ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା

ବାଲିପାଟଣା, ୭।୧(ସମିସ) : ବାଲିପାଟଣା ବ୍ଲକର ପିଏମଶ୍ରୀ କୁଶଭଦ୍ରା ଉଚ୍ଚ ବିଦ୍ୟାଳୟ, ରାଜସର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଓ ପିଏମଶ୍ରୀ ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୪୫୮ ଜଣ ଛାତ୍ରଛାତ୍ରୀଙ୍କୁ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରି ୨୦୭ ଜଣଙ୍କୁ ଚଷମା ଦେବାକୁ ସ୍ଥିର ହୋଇଛି। ଏ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ୍ ଗୌତମ କୁମାର୍ ଦାସ, ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ର ଡ୍ ଲୋକନାଥ ବେହେରା, ଡ୍ ପ୍ରଭାତ ରଥ, ମୋବାଇଲ୍ ଅପଥାଲମିକ ୟୁନିଟର ଡ୍ ଜ୍ୟୋତିଶ୍ରୀ ବିଶୋଇ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ବିଆର୍‌ଟି ଶାକମ୍ବରି ପଣ୍ଡା, ପ୍ରସନ୍ନ ପଟ୍ଟନାୟକ, ମଙ୍ଗରାଜ ସାହୁ ଓ ଶିକ୍ଷୟିତ୍ରୀ ରୋଜାଲିନ ସାହୁ ସହଯୋଗ କରିଥିଲେ।

## ନିରନ୍ତର ଜୀବନଶୈଳୀ ସଂକ୍ରାନ୍ତ ପ୍ରଦର୍ଶନୀ

ଭୁବନେଶ୍ୱର, ୭ ।୧(ସମିସ): ନିରନ୍ତର ଜୀବନଶୈଳୀ ସମ୍ପର୍କିତ ଏକ ପ୍ରଦର୍ଶନୀ ୟୁନିଟ-୩ ସ୍ଥିତ କ୍ୟାପିଟାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ବିଇଓ ବିଭୂତି ଭୂଷଣ ଜେନା ଓ ପ୍ରଣୟତି ବେଉରା ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଭୁବନେଶ୍ୱର ବ୍ଲକ ଓ ବିଏମ୍‌ସି ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ୬୨ ଟି ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୭ଟି ପ୍ରକଳ୍ପକୁ ମନୋନୀତ କରାଯାଇଛି। ଉଦଯାପନୀ ଉତ୍ସବରେ ଓସେପାର ଉପ ନିର୍ଦ୍ଦେଶିକା ସସ୍ମିତା ସାହୁ, ପରିବେଶ ଶିକ୍ଷା କେନ୍ଦ୍ରର ପ୍ରକଳ୍ପ ଅଧିକାରୀ ରାଜେଶ କୁମାର ମହନ୍ତ, ଭୁବନେଶ୍ୱର ବିଇଓ ବ୍ରହ୍ମାନନ୍ଦ ରାଉତ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଉମାକାନ୍ତ ବଡ଼ଜେନା ଓ ଶିକ୍ଷୟିତ୍ରୀ ମଧୁସ୍ମିତା ଦାଶ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ନନ୍ଦନକାନନ, ୭।୧(ସମିସ): ପାଞ୍ଚ ପଞ୍ଚାୟତରେ ଗୁଣବତ୍ତା ଶିକ୍ଷାପାଇଁ ଟାଙ୍ଗିବନ୍ତ ନିକଟ କଲ୍ୟାଣପୁର ପଞ୍ଚାୟତ ନୂଆବନ୍ତ ମେଡିକାଲ ସମ୍ମୁଖ ପଡ଼ିଆରେ ଆଦର୍ଶ ବିଦ୍ୟାଳୟ ସ୍ଥାପନା ପାଇଁ ଆଜି ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତର ଭୁବନେଶ୍ୱର ବ୍ଲକ ଦାଡା, ରଘୁନାଥପୁର, କଲ୍ୟାଣପୁର, ବରିମୁଣ୍ଡ, ଇଞ୍ଜଣା ଆଦି ୫ପଞ୍ଚାୟତର ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ଶିକ୍ଷାଗ୍ରହଣ ପାଇଁ ଏହି ଆଦର୍ଶ ବିଦ୍ୟାଳୟ ଏକ ଉତ୍ତମ ମାଧ୍ୟମ ହେବ। ରାଜ୍ୟ ସରକାରଙ୍କ ତରଫରୁ ଜିଏମଏପିଭି ଯୋଜନାରେ ଭୁବନେଶ୍ୱର ବ୍ଲକ ଶିକ୍ଷାଅଧିକାରୀଙ୍କ ତତ୍ତ୍ୱାବଧାନରେ ବୁଧବାର ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ସରପଞ୍ଚ ଦେବରାଜ ଭୋଇ ଭୂମିପୁଜନ ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଲ୍ୟାଣପୁର ପଞ୍ଚାୟତ ସମିତି ସଭ୍ୟ ଭୋବନମୋହନ ଦାସ, ବରିମୁଣ୍ଡ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ବିଜୟ ମଲ୍ଲିକ ଯୋଗଦେଇଥିଲେ।

## ଆଇସିଏଆର୍ ପୂର୍ବମଣ୍ଡଳ କ୍ରୀଡ଼ା ସମାବେଶ ତେଜ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୭।୧(ସମିସ): ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ତରଫରୁ ୪ ଦିନିଆ ପୂର୍ବମଣ୍ଡଳ କ୍ରୀଡ଼ା ସମାବେଶ ତେଜ୍-୨୦୨୫ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଆଇସିଏଆର୍-କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ସଂସ୍ଥା (ସିଫା), ଭୁବନେଶ୍ୱର ଆୟୋଜନ କରିଛି।

ଆୟୋଜିତ ଉଦ୍‌ଘାଟନୀ ସମାରୋହରେ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ତଥା ଆଇସିଏଆର୍‌ର ମହାନିର୍ଦ୍ଦେଶକ ଡ. ଏମ୍‌ଏଲ ଜାଟ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ମତ୍ସ୍ୟ ବିଜ୍ଞାନ କୃଷି ଶିକ୍ଷା ବିଭାଗର ଉପ ମହାନିର୍ଦ୍ଦେଶକ ଡ. ଜେକେ ଜେନା, ପ୍ରାକୃତିକ ସମ୍ବଳ ପରିଚାଳନା ବିଭାଗର ଉପ ମହାନିର୍ଦ୍ଦେଶକ ଡ. ଏ. କେ. ନାୟକ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ଡ. ବିଜୟ କୁମାର ସ୍ୱାଇଁ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଆଇସିଏଆର୍ ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ କ୍ରିଡାବିତ୍‌ଙ୍କୁ ସ୍ୱାଗତ କରିଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ଡ. ପଦ୍ମନାଭ ରାଉତରାୟ ଯୋଗ ଦେଇଥିବା ବେଳେ ଏହି ଅବସରରେ ଏକତା, ଅଖଣ୍ଡତା ଏବଂ କ୍ରୀଡ଼ପ୍ରେମର ପ୍ରକୃତ ଆତ୍ମାର ପ୍ରତୀକ ମଶାଲ ପ୍ରଜ୍ୱଳନ କରାଯାଇଥିଲା। ଏହି କ୍ରୀଡ଼ା ସମାବେଶରେ ୭୨୦ ଜଣ ଖେଳାଳୀ ୩୯ଟି କ୍ରୀଡ଼ା ଇଭେଂଟରେ ଅଂଶଗ୍ରହଣ କରିଛନ୍ତି। ତେଜ୍-୨୦୨୫ ଆୟୋଜକ କମିଟିର ସଂଗଠନ ସଚିବ ଡ. ଏନ୍. କେ. ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ଶାଶ୍ୱତ ଯୋଶୀଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଜିଠୁ ଗୁରୁ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ

ଭୁବନେଶ୍ୱର, ୭ ।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସୃଜନ ଅନୁଷ୍ଠାନର ମିଳିତ ସହଯୋଗରେ ଜାନୁଆରୀ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ ଗୁରୁ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯିବ। 'କେଲୁଚରଣ କୀର୍ତ୍ତି ଶତକମ୍' ଶୀର୍ଷକରେ ଗୁରୁ କେଲୁଚରଣ ମହାପାତ୍ରଙ୍କ ଜୀବନୀକୁ ନେଇ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ରବୀନ୍ଦ୍ର ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ହେବାକୁ ଥିବା ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ତିନିଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଲୁଚରଣଙ୍କ ଜୀବନୀକୁ ନେଇ ଏକ ଫଟୋଚିତ୍ର ପ୍ରଦର୍ଶନୀ ଏବଂ ଗୁରୁଜୀଙ୍କ ଜୀବନୀ, ଓଡ଼ିଶୀ ନୃତ୍ୟ ପ୍ରତି ରହିଥିବା ତାଙ୍କର ଅବଦାନ ସହ ଓଡ଼ିଶୀ ଗବେଷଣା କେନ୍ଦ୍ରକୁ ନେଇ ନିର୍ମିତ ହୋଇଥିବା ଏକ କ୍ଷୁଦ୍ର ଚଳଚ୍ଚିତ୍ର ଲୋକାର୍ପଣ କରାଯିବ। ସେହିପରି ଓଡ଼ିଶୀ ଗବେଷଣା କେନ୍ଦ୍ରର ୱେବସାଇଟ୍ ଉନ୍ମୋଚିନ କରାଯିବ। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ରତିକାନ୍ତ ମହାପାତ୍ର, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପଦ୍ମଶ୍ରୀ ମାଧବୀ ମୁଦଗଲ, ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦୀ ଏବଂ ଅନେକ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଯୋଗଦେବେ।

## 'ବିଜେବି ୭୪'ର କର୍ମକର୍ତ୍ତା ନିର୍ବାଚନ




ଭୁବନେଶ୍ୱର, ୭ ।୧(ସମିସ): ବିଜେବି କଲେଜର ପ୍ରାକ୍ତନ ୭୪ ବ୍ୟାଚ୍‌ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ହୋଟେଲ ଏକ୍ସିଲେନ୍‌ସ ଠାରେ ୩୪ତମ ସାଧାରଣ ଅଧିବେଶନରେ ଏହାର ନିର୍ବାଚନ ଅଧିକାରୀ ଡ. କୃଷ୍ଣପ୍ରସାଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ନିର୍ବାଚନ କରାଯାଇଥିଲା। ଏଥିରେ ବିଜେବି କଲେଜ ପ୍ରାକ୍ତନ ଛାତ୍ର ଖଣି ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତି ସଭାପତି ଭାବେ ନିର୍ବାଚିତ ହୋଇଥିଲା ବେଳେ ଉପ ସଭାପତି ଭାବରେ କେଦାର ନାଥ ଦାସ, ପ୍ରଦୋଷ ମହାପାତ୍ର, ବିଦ୍ୟୁତ ପ୍ରକାଶ ରାୟ ନିର୍ବାଚିତ ହୋଇଥିଲେ। ଏହିପରି ସମ୍ପାଦକ କେଦାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଡ. ନାରାୟଣ ସାହୁ, ଇଂ ଅସୀମାନନ୍ଦ ମହାନ୍ତି, ସଙ୍ଗଠନ ସମ୍ପାଦକ ନିରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ଜେନା, କାର୍ଯ୍ୟକାରୀ କମିଟି ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଓ ପ୍ରଭାତ କୁମାର ରଥ ଆଗାମୀ ଦୁଇବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ଅନୁଷ୍ଠାନର ପ୍ରାକ୍ତନ ସଭାପତି ଡ. ବିଶ୍ୱ ବିଜୟୀ ପାଣିଗ୍ରାହୀ, ପ୍ରାକ୍ତନ ସମ୍ପାଦକ ସମ୍ ହସ୍ପିଟାଲ ଭେଷଜ ବିଭାଗ ପ୍ରଫେସର ଡ. ସୁରେନ୍ଦ୍ର ନାଥ ସ୍ୱାଇଁ ବିଜେବି ୭୪ରେ ଦୀର୍ଘ ୨୫ ବର୍ଷଧର କାର୍ଯ୍ୟ କରିଥିଲେ ବୋଲି ଅନୁଷ୍ଠାନ ପକ୍ଷରୁ ପଦ୍ମଲୋଚନ ମହାନ୍ତି, ହାରୁନ ରସିଦ ଖାନ୍, ପୂର୍ବତନ ପ୍ରଶାସକ କୃଷ୍ଣଚନ୍ଦ୍ର ପାତ୍ର ଓ ପୃଥ୍ୱୀ ସିଂ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଏବଂ ବିଜେବି ୭୪ର ନିର୍ବାଚିତ ସଭାପତି ତାରିଣୀ ପ୍ରସାଦ ମହାନ୍ତି ଓ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ମତ ପ୍ରକାଶ କରିଛନ୍ତି।

## ୩୧ ପର୍ଯ୍ୟନ୍ତ ବଢ଼ିଲା ଇଏସ୍‌ଆଇସିର 'ସ୍ପ୍ରୀ' ଅବଧି

**ଅଭିଯାନରେ ସାମିଲ ହେଲେଣି ୨.୫ ଲକ୍ଷ କର୍ମଚାରୀ**

ଭୁବନେଶ୍ୱର, ୭ ।୧(ସମିସ): କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ପକ୍ଷରୁ ନିଯୁକ୍ତିକର୍ତ୍ତା/କର୍ମଚାରୀ ପଞ୍ଜୀକରଣ ପ୍ରୋତ୍ସାହନ ଯୋଜନା (ସ୍ପ୍ରୀ) ନାମରେ ଜାରି ରହିଥିବା ଅଭିଯାନ ଅବଧିକୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅଭିଯାନ ଜରିଆରେ ନିଯୁକ୍ତିକର୍ତ୍ତାମାନଙ୍କୁ ସେମାନଙ୍କ ସଂସ୍ଥା ବା




କର୍ମଚାରୀଙ୍କୁ ଇଏସ୍‌ଆଇସିରେ ପଞ୍ଜୀକରଣ କରାଇବାକୁ ପ୍ରୋତ୍ସାହିତ କରାଯାଉଛି। ଏହି ଯୋଜନାରେ ମୁଖ୍ୟତଃ ଯେଉଁ ସଂସ୍ଥାଗୁଡ଼ିକ ଦୀର୍ଘ ଦିନ ହେବ ସଂସ୍ଥା ଆରମ୍ଭ କରି ମଧ୍ୟ ସେମାନଙ୍କ କର୍ମଚାରୀଙ୍କୁ ପଞ୍ଜୀକରଣ କରାଇନାହାନ୍ତି, ସେମାନଙ୍କୁ ଅନେକ ଲାଭ ମିଳୁଛି। ସେମାନଙ୍କ ପାଇଁ ବକେୟା ଦାବି ଛାଡ଼ କରାଯିବା ସହିତ ବିନା କୌଣସି ଜରିମାନାରେ ପଞ୍ଜୀକରଣ ପାଇଁ ଏହି ଅଭିଯାନ ଜରିଆରେ ପଦକ୍ଷେପ ନିଆଯାଉଛି। ପୂର୍ବ ପଞ୍ଜିକୃତ ନ ହେବା ପାଇଁ କୌଣସି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉ ନାହିଁ। ଏହି କ୍ରମରେ ବୁଧବାର ଭୁବନେଶ୍ୱରସ୍ଥିତ ଇଏସ୍‌ଆଇସି ଆଞ୍ଚଳିକ କାର୍ଯ୍ୟାଳୟଠାରେ ଏକ କର୍ମଶାଳା ଆୟୋଜନ କରାଯାଇଥିବା ବେଳେ ଏଥିରେ ବିଭିନ୍ନ ସଂସ୍ଥାରୁ ଅଂଶଗ୍ରହଣ କରିଥିବା ପ୍ରତିନିଧିମାନଙ୍କୁ ଏହି ଅଭିଯାନର ଲାଭ ଉଠାଇବାକୁ ପରାମର୍ଶ ଦିଆଯାଇଛି। ଏହି ଅଭିଯାନ ୧ ଜୁଲାଇ ୨୦୨୫ରୁ ଆରମ୍ଭ ହୋଇ ୩୧ ଡିସେମ୍ବର ପର୍ଯ୍ୟନ୍ତ ଚାଲିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏଥିରେ ଅଧିକରୁ ଅଧିକ ସଂସ୍ଥାଙ୍କୁ ଲାଭ ପହଞ୍ଚାଇବା ଲକ୍ଷ୍ୟ ରଖି ନିଗମ ଏହି ଅବଧିକୁ ଆସନ୍ତା ୩୧ ଜାନୁଆରୀ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ଆଜି ଏ ସମ୍ପର୍କରେ କର୍ମଶାଳାରେ ସୂଚନା ଦେଇ ଇଏସ୍‌ଆଇସି ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ଏହି ଅଭିଯାନରେ ଅଢ଼େଇ ଲକ୍ଷରୁ ଅଧିକ କର୍ମଚାରୀ ପଞ୍ଜିକୃତ ହୋଇପାରିଛନ୍ତି। ମାତ୍ର ଏବେ ବି ରାଜ୍ୟର ଅନେକ ସଂସ୍ଥା ଇଏସ୍‌ଆଇସିରେ ସେମାନଙ୍କ କର୍ମଚାରୀଙ୍କୁ ସାମିଲ କରାଇନାହାନ୍ତି। ତେଣୁ ସେମାନେ ଏହି ଯୋଜନାରେ ଲାଭ ନେଇ ଶ୍ରମିକଙ୍କ ସୁରକ୍ଷା ସୁନିଶ୍ଚିତ କରାଇବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେହିପରି ଇଏସଆଇସିର ପୂର୍ବାଞ୍ଚଳ ଓ ଉତ୍ତରାଞ୍ଚ ଇନସ୍ୟୁରାନ୍ସ କମିସନର ପ୍ରଣୟ ସିହ୍ନା କହିଛନ୍ତି ଯେ, ଏହି ଯୋଜନା ସମ୍ପର୍କରେ ଅବଗତ କରାଇବାକୁ ଅନେକ ସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଏକ କର୍ମଶାଳା ହୋଇଛି।

## ପଟିଆ କଲେଜରେ ବାର୍ଷିକ କ୍ରୀଡ଼ା ମହାସମାରୋହ

ନନ୍ଦନକାନନ, ୭।୧(ସମିସ): ପଟିଆ ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ସମାରୋହ କଲେଜ ଖେଳ ପଡ଼ିଆରେ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଶିଖରଚଣ୍ଡୀଙ୍କ ମନ୍ଦିରରୁ କ୍ରୀଡ଼ା ମଶାଲକୁ ସମ୍ମାନର ସହ ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ଆଣି କ୍ରୀଡାଙ୍ଗନରେ ସ୍ଥାପନ କଲାପରେ ବାର୍ଷିକ କ୍ରୀଡ଼ା ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇଥିଲା। ଆଜି କ୍ରୀଡ଼ା ମହୋତ୍ସବର ଦ୍ୱିତୀୟ ଦିବସରେ ପୁରସ୍କାର ବିତରଣ ସମାରୋହରେ ଓଡ଼ିଶା ଅଲମ୍ପିକ ସଂଘର ଅଧ୍ୟକ୍ଷ ସମୀର ମହାନ୍ତି ମୁଖ୍ୟ ଅତିଥି ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ ଚନ୍ଦନା ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଦଶଟି ବିଭାଗରେ ମହାବିଦ୍ୟାଳୟର ପ୍ରାୟ ୪୦୦ ବିଦ୍ୟାର୍ଥୀ କ୍ରୀଡାବିତ୍ ଅଂଶ ଗ୍ରହଣ କରିଥିଲେ। ଛାତ୍ରମାନଙ୍କ ମଧ୍ୟରୁ ଇତିହାସ ବିଭାଗର



ସୂର୍ଯ୍ୟପ୍ରକାଶ ବେହେରା ଓ ଛାତ୍ରୀମାନଙ୍କ ମଧ୍ୟରୁ ଗୃହବିଜ୍ଞାନ ବିଭାଗର ଲକ୍ଷ୍ମୀ ହେମ୍ବ୍ରମ୍, ବ୍ୟକ୍ତିଗତ କ୍ରୀଡା ଚାମ୍ପିଅନ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ କ୍ରୀଡ଼ା ପରିଷଦର ସଚିବ ପ୍ରଫେସର ଚିନ୍ମୟ କୁମାର ପ୍ରଧାନ ଯୋଗ ଦେଇଥିଲେ। କଲେଜର କ୍ରୀଡା ଶିକ୍ଷକ ଅନନ୍ତ ମାଧବ ସାହୁ, କ୍ରୀଡ଼ା ପରିଷଦର ଉପାଧ୍ୟକ୍ଷ ଅଧ୍ୟାପକ ଚନ୍ଦନ କୁମାର ସାହୁ କ୍ରୀଡା ପରିଚାଳନା କରିଥିଲେ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ରାଉତ ପ୍ରକାଶ କରିଛନ୍ତି।

**ମରିଚିଆ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

## ସେମିଫାଇନାଲ୍‌ରେ କୁରାଙ୍ଗ



ନନ୍ଦନକାନନ, ୭।୧(ସମିସ): ଭୁବନେଶ୍ୱର ଉପକଣ୍ଠ ମରିଚିଆ ଗ୍ରାମ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମରିଚିଆ କପ ୨୦୨୬ ବୁଧବାରଠାରୁ ମରିଚିଆ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ତିନୋଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ଲିଗ ପର୍ଯ୍ୟାୟ ମ୍ୟାଚ ସାଇରାମ ମର୍ଣ୍ଣିଙ୍ଗ କଟକ ଏବଂ କୁରାଙ୍ଗ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧/୦ଗୋଲରେ କୁରାଙ୍ଗ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ଲିଗ ମ୍ୟାଚଟି ଆଲାମଗିରି କ୍ଲବ ସାଇଁଶୋ ଏବଂ ପଦ୍ମକେଶରୀପୁର ଚମ୍ପାନାହାକାଣୀ ଦଳ ମଧ୍ୟରେ ହୋଇଥିଲା। ଏଥିରେ ୨/୦ଗୋଲରେ ସାଇଁଶୋ ବିଜୟୀ ହୋଇଥିଲା। ବିଜୟୀ ହୋଇଥିବା ସାଇଁଶୋ ଏବଂ କୁରାଙ୍ଗ ମଧ୍ୟରେ ପ୍ରଥମ କ୍ୱାର୍ଟର ପର୍ଯ୍ୟାୟ ମ୍ୟାଚରେ ଉଭୟ ଦଳ କଡା ଟକ୍କର ଦିଆଦେଇ ହୋଇଥିଲା ବେଳେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟ୍ରାଇ ବ୍ରେକର ଜରିଆରେ ୩/୧ଗୋଲ ବଳରେ କୁରାଙ୍ଗ ବିଜୟୀ ହୋଇ ପ୍ରଥମ ଦଳ ଭାବେ ରବିବାର ସେମି ଫାଇନାଲ ଖେଳିବାକୁ ସ୍ଥାନ ପକ୍କା କରିଛି। ଆଜିର ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଶାସନ ସଚିବ ବିଜୟ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଦୁସ୍ମିତା ମନ୍ତ୍ରୀ, ପୂର୍ବତନ ଜିଲ୍ଲା ପରିଷଦ କୁନାଲ ରାଉତ, ସମାଜସେବୀ ପ୍ରତାପ ରାଉତ, ସଞ୍ଜୟ ପତି, କୁନା ରାଉତ, ନଗେନ ବିଶୋଇ ଯୋଗଦେଇଥିଲେ। ମ୍ୟାଚ ଗୁଡିକୁ ରେଫରୀ ମିକୁନ ମହାନ୍ତି, ସେକ ଆଲାମ, ସାକଲିନ ପରିଚାଳନା କରିଥିଲେ। ରଙ୍କନିଧି ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ୫ଦିନ ଧରି ହେବାକୁ ଥିଲା ବେଳେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପୁରସ୍କାର ରାଶି ବାବଦକୁ ଚାମ୍ପିଅନ ଦଳକୁ ୨୦ହଜାର ଏବଂ ରନର୍ସଅପ ଦଳକୁ ୧୫ହଜାର ଟଙ୍କା ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ ତରଫରୁ ଜୟନ୍ତ ରାଉତ ପ୍ରକାଶ କରିଛନ୍ତି।

## ଭେଙ୍କୟା ନାଇଡୁଙ୍କ ଦ୍ୱାରା 'ଅଟଳ ବନ' ଉଦ୍‌ଘାଟିତ

- ଆକର୍ଷଣ ସାଜିଛି ଟି-୫୫ ଯୁଦ୍ଧ ଟ୍ୟାଙ୍କ୍ ସହ ରାଫେଲ ଯୁଦ୍ଧ ବିମାନର ପ୍ରୋଟୋଟାଇପ୍

ଭୁବନେଶ୍ୱର, ୭ ।୧(ସମିସ): ଲୋକଭବନ ପରିସରରେ ନୂତନ ଭାବେ ବିକଶିତ ପରିବେଶ ଉଦ୍ୟାନ 'ଅଟଳ ବନ' ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ ଏହି ପାର୍କକୁ ପୂର୍ବତନ ଉପରାଷ୍ଟ୍ରପତି ତଥା ଅଟଳ ସ୍ମୃତି ନ୍ୟାସ ସୋସାଇଟିର ଅଧ୍ୟକ୍ଷ ଏମ. ଭେଙ୍କୟା ନାଇଡୁ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଅଟଳ ବନର ବିକାଶ ପ୍ରକ୍ରିୟା ସମୟରେ ଖନନ କରାଯାଇଥିବା ପଥର ବ୍ୟବହାର କରି ପ୍ରଦର୍ଶନ ସହ ସବୁଜିମା, ଜଳାଶୟ ଏବଂ ଝରଣା ସଂରଚନା କରାଯାଇଛି। ଭାରତୀୟ ସେନାକୁ ଶକ୍ତିଶାଳୀ କରିଥିବା ଏବଂ ୧୯୭୧ ଯୁଦ୍ଧ ତଥା ବିଭିନ୍ନ ଅପରେସନ ସମୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ଟି-୫୫ ଯୁଦ୍ଧ ଟ୍ୟାଙ୍କ୍ ସହ ରାଫେଲ ବହୁମୁଖୀ ଲଢୁଆ ଯୁଦ୍ଧ ବିମାନର ଏକ ପ୍ରୋଟୋଟାଇପ୍ ପାର୍କର ଅନ୍ୟତମ ଆକର୍ଷଣ ପାଲଟିଛି। ଭାରତ ସରକାରଙ୍କ 'ୱେଷ୍ଟ ଟୁ ୱେଲଥ' ମିଶନ ଅଧୀନରେ ଅଟୋମୋବାଇଲ୍ ସ୍କ୍ରାପ୍ ଏବଂ ଜିଆଇ ସିଟ୍‌ରୁ ନିର୍ମିତ ଏହି ମଡେଲ୍ ୧୫ ଫୁଟ ଲମ୍ବା, ୪ ଫୁଟ ୬ ଇଞ୍ଚ ଉଚ୍ଚତା ଏବଂ ୯ ଫୁଟ ୧୧ ଇଞ୍ଚ ଡେଣା ବିଶିଷ୍ଟ। ଲୋକଭବନର ଅନୁରୋଧ କ୍ରମେ ଭୁବନେଶ୍ୱରର ସରକାରୀ ପଲିଟେକ୍ନିକ୍ ଟିମ ଦ୍ୱାରା ଏହି ପ୍ରୋଟୋଟାଇପ୍ ଡିଜାଇନ୍ ଏବଂ ନିର୍ମାଣ କରାଯାଇଥିଲା। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବାଜପେୟୀଙ୍କୁ ଦଳ ମତ ନିର୍ବିଶେଷରେ ଜଣେ ସମ୍ମାନନୀୟ ଦୂରଦୃଷ୍ଟିସମ୍ପନ୍ନ ରାଷ୍ଟ୍ରନେତା ଭାବରେ ବର୍ଣ୍ଣନା କରିଥିଲେ। ଏଥିରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାଫେଲ ପ୍ରୋଟୋଟାଇପ୍ ଡିଜାଇନ୍ ଏବଂ ନିର୍ମାଣ କରିଥିବା ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା।



